# Akashvani, Sambalpur

# SAMBALPURI NEWS MORNING BULLETIN

## 4 May 2026 - 6.47- 6.52 am.

---

ପ୍ରଜ୍ଞା ପ୍ରେରଣା        ଆଇ ଆଣ୍ଡ ପି.ଆର୍

ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ହେଇଥିବା ଜାତୀୟ ଶିକ୍ଷାନୀତି -୨୦୨୦ ର କାର୍ଯ୍ୟକାରିତା ବାବଦ୍ କର୍ମଶାଳା ପ୍ରଜ୍ଞା ପ୍ରେରଣା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ସେ କହିଛନ୍, ଶିକ୍ଷା ହଉଛେ ଜାତି ଗଠନ୍‌ର ସବୁନୁ ଶକ୍ତିଶାଳୀ ଉପକରଣ୍ । ଜାତୀୟ ଶିକ୍ଷାନୀତି ୨୦୨୦ ଗୁଟେ ଯୁଗାନ୍ତକାରୀ ପଦକ୍ଷେପ୍ ଭାବେ ବିକଶିତ୍ ଓଡ଼ିଶା- ବିକଶିତ୍ ଭାରତ୍ ଲକ୍ଷ୍ୟ ପାଏବାର୍‌ଥି ସାହାଜ୍ କର୍‌ବା ବଲି ରାଜ୍ୟପାଲ୍ କହିଛନ୍ । ଉଚ୍ଚଶିକ୍ଷା କ୍ଷେତ୍ରଥି ସଂସ୍କାର୍, ଦକ୍ଷତା ବିକାଶ୍ ଆଉ ନିଯୁକ୍ତିମୂଳକ ଶିକ୍ଷା ଉପ୍‌ରେ ଜୋର୍

ଦେଇକରି ଯୁଆନ୍ ପିଢ଼ି ମାନ୍‌କୁ ନବସୃଜନ ଆଉ ନିଯୁକ୍ତି ତିଆର୍ କର୍‌ବାର୍‌ଥି ସଶକ୍ତ କର୍‌ବାର୍ ଦର୍‌କାର୍ ବଲି ରାଜ୍ୟପାଲ୍ କହିଛନ୍ । ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଇ ଅବ୍‌ସରେ ୪ ଟା ସ୍ତମ୍ଭ ପାଠ୍ୟକ୍ରମ୍, ଶିକ୍ଷକ୍ ମାନ୍‌କର୍ ପ୍ରଶିକ୍ଷଣ୍, ଭିତିଭୂମିର୍ ବିକାଶ୍ ଆଉ ଲର୍ଣ୍ଣିଂ ଆଉଟ୍‌କମ୍ ଉପ୍‌ରେ ଜୋର୍ ଦେଇଛନ୍ । ମନ୍ତ୍ରୀ କହିଛନ୍, ଶିକ୍ଷାକେ ଲକ୍ଷ୍ୟ ଭାବେ ନେଇକରି ଶିକ୍ଷାର୍ ବିକାଶ୍ ଲାଗି ସମ୍‌କୁ ନେତୃତ୍ୱ ନେବାର୍‌କେ ହେବା । ସମୃଦ୍ଧ ଓଡ଼ିଶା ଗଠନ୍ କର୍‌ବାର୍‌କେ ହେଲେ ଶିକ୍ଷା କ୍ଷେତ୍ରକେ ଆଗ୍‌କେ ନେବାର୍ ଲାଗି ସଭେ ପ୍ରତିଶ୍ରୁତିବଦ୍ଧ ହେବାର୍ ଦର୍‌କାର୍ ବଲି ମନ୍ତ୍ରୀ ଶ୍ରୀ ସୂରଜ୍ କହିଛନ୍ ।

ସୁଭଦ୍ରା            ଆଇ.ଆଣ୍ଡ୍.ପି.ଆର୍

ରାଏଜେ ସୁଭଦ୍ରା ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ ଆଏଜ୍ ସାହାଜ୍ ଟଙ୍କା ଦିଆଯିବା । ଯୋଜ୍‌ନା ଅଧୀନ୍‌ଥି ପହେଲା, ୨ ନମ୍ବର୍ ଆଉ ୩ ନମ୍ବର୍ କିସ୍ତି ନାଇଁ ପାଇଥିବା ୧ ଲାଖ୍ ୨୩ ହଜାର୍ ୮ ଶହ ୪୯ ଝନ୍ ହିତାଧିକାରୀ ଆଏଜ୍ ଇ ସାହାଜ୍ ଟଙ୍କା ପାଏବେ । ଇଥିର୍‌ଲାଗି ମହିଳା ଆଉ ଶିଶୁବିକାଶ୍ ବିଭାଗ୍ ତର୍‌ଫୁ ବିଭାଗ୍‌ର ସମ୍ମିଲନୀ କକ୍ଷ

ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ର ଆୟୋଜନ୍ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ହିତାଧିକାରୀମାନ୍‌କୁ ସାହାଜ୍ ଟଙ୍କା ବାଂଟ୍‌ବେ ।

ମୁଖ୍ୟମନ୍ତ୍ରୀ-ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର୍

ଭୁବ୍‌ନେଶ୍ୱର୍ ୟୁନିଟ୍ ୨ ଅଶୋକ୍ ନଗର୍ ନ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଳୟ ନ ଆଏଜ୍ ହେବାର୍‌କେ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ବନ୍ଦ୍ ରହେବା । ରାଏଜେ ହେଉଥିବା ଜବର୍ ଖରାକେ ନଜର୍‌ଥି ରଖିକରି ଇ ନିଷ୍ପତି ନିଆଯାଇଥିବାର୍ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଳିଛେ ।

ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଆଇ ଆଣ୍ଡ୍ ପି.ଆର୍

ବିଧାନ୍‌ସଭା ମାନ୍‌କର୍ କମିଟି ବାବଦ୍ ୨ ନମ୍ବର୍ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଆଏବା କାଏଲ୍ ଜୟପୁର୍ ଠାନେ ହେବା ।

ସମ୍ମିଳନୀଥି ଓଡ଼ିଶା ବାଚସ୍ପତି ସୁରମା ପାଢ଼ୀଙ୍କର୍ ସହେତେ ପଶ୍ଚିମବଙ୍ଗ୍, ଉତରପ୍ରଦେଶ୍, ହିମାଚଲ୍ପ୍ରଦେଶ୍, ସିକିମ୍ ଆଉ ରାଜସ୍ଥାନ୍ର ବାଚସ୍ପତି ମାନେ ଯୋଗ୍ ଦେବେ । ବିଧାନ୍ସଭାମାନ୍କର୍ କମିଟି ବ୍ୟବସ୍ଥା ଆଉ ଆଏବା ଦିନେ ଇସବୁକେ କେନ୍ତାକରି ଅଏତ୍କା ପ୍ରଭାବଶାଳୀ କରାଯାଇପାର୍ବା ସେଥିର୍ବାବ୍ଦେ ସମ୍ମିଳନୀଥି ଆଲୋଚନା କରାଯିବା ।

ଭୋଟ୍ ଗନ୍ତି ଆର୍ଏନ୍ୟୁ/ କଟକ୍

ପଶ୍ଚିମବଙ୍ଗ୍, କେରଳମ୍, ତାମିଲ୍ନାଡୁ, ଆସାମ୍ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ପୁଡୁଚେରୀ ନ ହେଇଥିବା ବିଧାନ୍ସଭା ନିର୍ବାଚନ୍ର ଆଏଜ୍ ଭୋଟ୍ଗନ୍ତି ହେଇକରି ଫଲାଫଲ୍ ବାହାର୍ବା । ପଶ୍ଚିମବଙ୍ଗ୍ର ୨ ଶହ ୯୪ ଟା ବିଧାନସଭା ଆସନ୍ ଲାଗି ୨ ଟା ଖେପେ ୨୩ ଆଉ ୨୯ ତାରିଖ୍ ଦିନ ଭୋଟ୍ ହେଇଥିଲା । ସେଆଡ଼େ ଚବିଶ ପ୍ରଗଣା ଜିଲ୍ଲାର୍ ଫାଲ୍ଟା ବିଧାନ୍ସଭା ନିର୍ବାଚନ୍ ମଣ୍ଡଲୀ ନ ଆଘୋନୁ ହେଇଥିବା ଭୋଟ୍କେ ନିର୍ବାଚନ୍ ଆୟୋଗ୍ ଅସିଦ୍ଧ ଘୋଷ୍ନା କର୍ବାର୍ ଉତ୍ରୁ ଆଏଜ୍ ୨ ଶହ ୯୩ ଟା ଆସନ୍ ଲାଗି

ଭୋଟ୍‌ଗନ୍‌ତି ହେବା । ଆସାମ୍‌ର ଶହେ ୨୬ ଟା ଆସନ୍‌ଥି ଭୋଟ୍ ଗନ୍‌ତି ଲାଗି ୩୫ ଟା ଜିଲ୍ଲାର୍ ୪୦ ଟା ଗଣନା କେନ୍ଦ୍ର ନ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ତାମିଲ୍‌ନାଡୁ ନ ଭିଲ୍ ୨ ଶହ ୩୪ ଟା ବିଧାନ୍‌ସଭା ନିର୍ବାଚନ୍ ମଣ୍ଡଲୀ ଲାଗି ମୋଟ୍ ୧୦ ହଜାର୍ ୫ ଶହ ୪୫ ଝନ୍ ଗଣନା କର୍ମଚାରୀଙ୍କୁ ନିୟୋଜିତ୍ କରାଯାଇଛେ ।

ଅନ୍ତର୍ଜାତୀୟ ଅଗ୍ନିଶମ କର୍ମଚାରୀ ଦିବସ୍ ଏକ୍ସ

ଅଗ୍ନିଶମ କର୍ମଚାରୀ ମାନ୍‌କର୍ ଅଦମ୍ୟ ସାହସ୍, ବୀରତା ଆଉ ବଳିଦାନ୍‌କେ ସୋର୍ କରିକରି ଆଏଜ୍ ସାରା ପୁର୍‌ଥି ନ ଅନ୍ତର୍ଜାତୀୟ ଅଗ୍ନିଶମ କର୍ମଚାରୀ ଦିବସ୍ ପାଲନ୍ କରାଯାଉଛେ । ଅଗ୍ନିଶମ କର୍ମଚାରୀମାନ୍‌କୁ ସେମାନ୍‌କର୍ ଦୁଃସାହସିକ୍ କାମ୍ ଆଉ ଧନ୍‌ଜୀବନ୍ ରକ୍ଷା କର୍‌ବାର୍ ଲାଗି ନେଉଥିବା ପଦକ୍ଷେପ୍‌କେ ସମ୍ମାନ୍ ଜନାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ୧୯୯୮ ମସିହା ଡିସେମ୍ବର୍ ୨ ତାରିଖ୍‌ଥି ଅଷ୍ଟ୍ରେଲିଆ ନ ଜଙ୍ଗଲ୍ ଜୁଏ କେ ଲିଭାବାର୍ ଲାଗି ଚେଷ୍ଟା କରୁଥିବାର୍ ବେଲେ ୫ ଝନ୍ କର୍ମଚାରୀଙ୍କର୍ ଜୀବନ୍ ଯାଇଥିଲା । ସେମାନ୍‌କୁ ସମ୍ମାନ୍ ଜନେଇକରି ଫି’ ବଛର୍ ଆଝିର୍

ଦିନ୍‌କେ ଇ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ଅବ୍‌ସରେ ଭିନ୍ ଭିନ୍ ଜାଗା ନ ଖାସ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଇଛେ ।

ଫୁଟ୍‌ବଲ୍ ପ୍ରଶିକ୍ଷଣ୍ ଶିବିର୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ରାଜ୍ୟ ଫୁଟ୍‌ବଲ୍ ସଂଘ ଆଉ ସମ୍ବଲ୍‌ପୁର୍ ଜିଲ୍ଲ କ୍ରୀଡ଼ା ସଂଘ ତର୍‌ଫୁ ଜିଲ୍ଲାସ୍ତରୀୟ ସବ୍‌ଜୁନିୟର୍ ବାଳକ ଆଉ ବାଳିକା ମାନ୍‌କର୍ ଲାଗି ଖରାଦିନିଆ ଫୁଟ୍‌ବଲ୍ ପ୍ରଶିକ୍ଷଣ୍ ଶିବିର୍ ଆଏବା କାଏଲ୍‌ଠାନୁ ମୁଲ୍ ହେବା । ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ୍ ନ ଇ ଶିବିର୍ ହେବା । ଶିବିର୍‌ଥି ୧୪ ବଛର୍‌ନୁ କମ୍ ବୟସର୍ ଛାତ୍ରଛାତ୍ରୀ ଆଉ କ୍ରୀଡ଼ା ଅନୁଷ୍ଠାନ୍‌ର ସଦସ୍ୟମାନେ ଭାଗ୍ ନେବେ ।

ଆର୍ଟିଷ୍ଟିକ୍ ଜିମ୍‌ନାଷ୍ଟିକ୍ ଜାତୀୟ ଚମ୍ପିଆନ୍‌ସିପ/ଆର୍‌ଏନ୍‌ୟୁ/ ସମ୍ବଲପୁର

କଲିଙ୍ଗ ଷ୍ଟାଡ଼ିୟମ୍ ଠାନେ ହେଇଥିବା ଜୁନିଅର୍ ଆଉ ସିନିଅର୍ ମହିଳା ଆର୍ଟିଷ୍ଟିକ୍ ଜିମ୍‌ନାଷ୍ଟିକ୍ ଜାତୀୟ ଚମ୍ପିଆନ୍‌ସିପ୍ ଗଲାକାଏଲ୍

ଉଦ୍‌ଯାପିତ୍ ହେଇଯାଇଛେ । ମହିଲା ସିନିଅର୍ ବର୍ଗର୍ ଶେଷ୍ ଦିନେ ଓଡ଼ିଶାକେ ଗୁଟେ ସ୍ୱର୍ଣ୍ଣ ଆଉ ଗୁଟେ କାଂସ୍ୟ ପଦକ୍ ମିଲିଛେ । ଇ ଅବ୍‌ସରେ କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଓଡ଼ିଶାର୍ ଖେଲ୍ ଭିତିଭୂମିକେ ପ୍ରଶଂସା କର୍‌ବାର୍ ସହେତେ ୨୦୩୬ ଅଲମ୍ପିକ୍ସ ଭାରତ୍ ନ ଆୟୋଜନ୍ ହେବାର୍‌କେ ନେଇକରି ଆଶ୍ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଇ ହପ୍ତାର୍ ଶେଷ୍‌ତକ୍ ରାଜ୍ୟର୍ ଭିନ୍ ଭିନ୍ ଇଲାକା ନ କାଲ୍‌ବୈଶାଖୀର୍ ପ୍ରଭାବ୍ ରହେବା  ଆଉ ଇତାର୍ ବଲେ ରାଏଜେ ତାପମାତ୍ରା କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଆକଲନ୍ କରିଛେ । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କର୍ ସହେତେ ୨୫ ଟା ଜିଲ୍ଲା ନ ଘଡ୍‌ଘଡ଼ି ସହେତେ ବର୍ଷା ହେବା ବଲି କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ରାଜ୍ୟର୍ ସବୁନୁ ଜହ ତାପାମାତ୍ରା ଗଲାକାଏଲ୍

ବୌଦ୍ଧ ନ ୪୧ ଦଶ୍‌ମିକ୍ ୭ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଥିଲା ।